## ଆମ୍ବ ମେଳାରେ ଜାଡେନ ପ୍ରଶଂସିତ

ଟିଟିଲାଗଡ଼, ୧୨।୬ (ଶରତ ମିଶ୍ର)

ଭୁବନେଶ୍ୱରଠାରେ ନାବାର୍ଡ ପକ୍ଷରୁ ଆୟୋଜିତ ଆମ୍ବ ମେଳାରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଅଗ୍ରଣୀ କୃଷି ଉତ୍ପାଦକ ଜାଡେନ ଏଫପିଓ କମ୍ପାନୀ ଲି. ବେଶିଲ ଉଚ୍ଚ ପ୍ରଶଂସିତ ହୋଇଛି। ନାବାର୍ଡ କାର୍ଯ୍ୟାଳୟ ପଡିଆଠାରେ ଆୟୋଜିତ ଏହି ମେଳାରେ ଜାଡେନ ପକ୍ଷରୁ ବିନା ଔଷଧରେ ପଚାଯାଇଥିବା ଟିଟିଲାଗଡ଼ ଅଞ୍ଚଳର ଚାଷୀଙ୍କ ଆମ୍ବ ବିକ୍ରି ହେଉଛି। ଏନେଇ ଅଭାବୀ ବିକ୍ରିର ଶିକାର ହେଉଥିବା ସ୍ଥାନୀୟ ଚାଷୀ ଉପକୃତ ହୋଇଛନ୍ତି। ଏହାସହ ଉକ୍ତ ମେଳାରେ ଜାଡେନ ପକ୍ଷରୁ ବିକ୍ରି ହେଉଥିବା ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଦ୍ୱାରା ଉତ୍ପାଦିତ କୁଦୋ ଏବଂ ଗୁରୁଜି ଚାଉଳ, ମାଣ୍ଡିଆ ଗୁଣ୍ଡ, ବାଜରା ଚୁନା ବେଶ ଆଦୃତ ସହ ପ୍ରଶଂସିତ ହୋଇଛି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସାଦ ମହାନ୍ତି, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସୁଧାଂଶୁ ମିଶ୍ର ଜାଡେନ ଏଫପିଓର ଷ୍ଟଲ୍ ଉଦଘାଟନ ସହ ଉତ୍ସାହିତ କରିଥିଲେ।

# ୧୦ ବର୍ଷ ହେଲା ବନ୍ଦ ପଡ଼ିଛି ବିଜୟାନନ୍ଦ ଚିନିକଳ

### ଜିଲାକୁ ଉପ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପଦ ମିଳିବା ପରେ ଖୋଲିବା ଆଶା ଉଜ୍ଜୀବିତ

ଦେଓଗାଁ, ୧୨।୬
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲି କଲୋନୀ ନିକଟରେ ଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଳ ପ୍ରାୟ ୧୦ ବର୍ଷ ହେଲା ବନ୍ଦ ହୋଇ ପଡିରହିଛି। ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନୂଆ ସରକାରରେ ବଲାଙ୍ଗୀର ଜିଲାକୁ ମିଳିଛି ଉପ ମୁଖ୍ୟମନ୍ତ୍ରୀ ପଦ। ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ ଉପମୁଖ୍ୟମନ୍ତ୍ରୀ ଓ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମନ୍ତ୍ରୀ ହେବା ପରେ ବନ୍ଦ ପଡିଥିବା ଏହି ଚିନିକଳ ପୁଣି ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି। ବର୍ତ୍ତମାନ ସିଂଦେଓ ପଶ୍ଚିମ ଓଡିଶାରୁ ଉପ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ବିଜୟାନନ୍ଦ ଚିନିକଳ ଜୀବନ୍ୟାସ ପାଇବ ବୋଲି ଚାଷୀ ଓ କର୍ମଚାରୀ ଆଶା ବାନ୍ଧିଛନ୍ତି। ୧୯୯୩ ମସିହାରେ ଦେଓଗାଁ ଠାରେ ଏକମାତ୍ର କୃଷିଭିତ୍ତିକ ଚିନି କଳ ସ୍ଥାପିତ ହୋଇଥିଲା। ତେବେ ୨୦୦୦ ମସିହାରେ କ୍ଷତି ଦର୍ଶାଇ ଚିନିକଳକୁ ବନ୍ଦ କରି ଦେଇଥିଲା ଉକ୍ତ କମ୍ପାନୀ। ଫଳରେ କମ୍ପାନୀକୁ ଋଣ ଦେଇଥିବା ବ୍ୟାଙ୍କ ହାତକୁ ଚାଲିଯାଇଥିଲା ଚିନିକଳ। ଅନେକ ବାଦ ବିବାଦ ପରେ ୨୦୦୫ ମସିହାରେ ଏହି ଚିନିକଳକୁ ରାଜ୍ୟ ସରକାର ବିଜୟାନନ୍ଦ ଚିନିକଳ ନାଁରେ ପୁନଃ ଉଦ୍ଧାର କଲେ। ସେହିଦିନ ଠାରୁ ତତ୍କାଳୀନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଯଜ୍ଞେଶ୍ୱର ବାବୁଙ୍କ ତତ୍ତ୍ୱାବଧାନରେ ଉକ୍ତ ଚିନିକଳ ଚାଲିଥିଲା । ପୁନଶ୍ଚ ୨୦୧୩ ରେ ରାଜ୍ୟ ସରକାର ବିରୋଧରେ ମିଡ ନାଇଟ ଅପରେଶନ ପରେ ଚିନିକଳଟି ରାଜନୈତିକ ପଶାପାଲିରେ ଛନ୍ଦି ହୋଇ ବନ୍ଦ ହୋଇଯାଇଥିଲା। ଫଳରେ ଚିନିକଳର କର୍ମଚାରୀ, ଶ୍ରମିକ ଓ ଆଖୁ ଚାଷୀ ଏବେ ବାହାର ରାଜ୍ୟରେ ଦାଦନ ଖଟୁଥିବା ଅଭିଯୋଗ ହେଉଛି। ଚିନିକଳରେ କାମ କରୁଥିବା ଶ୍ରମିକ, ଚାଷୀ ଓ କର୍ମଚାରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ଶିଳ୍ପର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ବିଜୟାନନ୍ଦ ଚିନିକଳ ।

# ପାଟଣାଗଡ଼, ବଲାଙ୍ଗୀରରେ ଖୁସି ମନାଇଲେ ସମର୍ଥକ, ଶୁଭେଚ୍ଛୁ



ପାଟଣାଗଡ଼ରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମର୍ଥକମାନେ ଖୁସି ମନାଉଛନ୍ତି।

- ■ କନକବର୍ଦ୍ଧନ ଉପମୁଖ୍ୟମନ୍ତ୍ରୀ
- ■ ଷଷ୍ଠ ଥର ବିଧାୟକ ନିର୍ବାଚିତ ହେଲା ପରେ ମିଳିଲା ବଡ଼ ଦାୟିତ୍ୱ
- ■ ୨ଥର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ

ବଲାଙ୍ଗୀର, ୧୨।୬ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶାରେ ପ୍ରଥମ କରି ଭାଜପା ସରକାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ନେତା ମୋହନ ଚରଣ ମାଝି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ନବଗଠିତ ସରକାରରେ ବଲାଙ୍ଗୀର ଜିଲା ପାଟଣାଗଡ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏନେଇ ପାଟଣାଗଡ ଓ ବଲାଙ୍ଗୀରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ପାଟଣାଗଡରେ କନକ ବର୍ଦ୍ଧନଙ୍କ ସମର୍ଥକ ଓ ଶୁଭେଚ୍ଛୁମାନେ ମିଠା ବାଣ୍ଟି ଓ ବାଣ ଫୁଟାଇ ଖୁସି ମନାଇଛନ୍ତି। ପାଟଣାଗଡ ରାଜଖମାରଠାରେ କର୍ମୀ ଓ ସମର୍ଥକମାନେ ଖୁସି ମନାଇବା ସହ କନକବର୍ଦ୍ଧନ ଜିନ୍ଦାବାଦ୍ ନାରା ଦେଇଥିଲେ।

୨୦୨୪ ନିର୍ବାଚନରେ ପାଟଣାଗଡ ଆସନରୁ କନକବର୍ଦ୍ଧନ ଷଷ୍ଠ ଥର ଭାଜପା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦ ମସିହାରେ ରାଜନୀତିକୁ ପ୍ରବେଶ କରିଥିବା ବେଳେ ପ୍ରଥମେ ୧୯୯୫ ମସିହାରେ ବିଧାୟକ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୨୦୦୦, ୨୦୦୯, ୨୦୧୪ରେ କ୍ରମାଗତ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ୨୦୨୪ରେ ସେ ଷଷ୍ଠ ଥର ବିଧାୟକ ନିର୍ବାଚତ ହୋଇ ବୁଧବାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରିଛନ୍ତି। ୨୦୦୦ରୁ ୨୦୦୪ ମସିହାରେ ସେ ବିଜେଡି–ଭାଜପା ମେଣ୍ଟ ସରକାରରେ ଶିଳ୍ପମନ୍ତ୍ରୀ ଓ ୨୦୦୪ରୁ ୨୦୦୯ ମେଣ୍ଟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୩ରୁ ଭାଜପା ରାଜ୍ୟ ସଭାପତି ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। କନକବର୍ଦ୍ଧନଙ୍କ ସ୍କୁଲ ଓ କଲେଜ ଶିକ୍ଷା ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ସେ ୧୯୭୫ ମସିହାରେ ନୂଆଦିଲ୍ଲୀ ଏୟାରଫୋର୍ସ ସେଣ୍ଟ୍ରାଲ ସ୍କୁଲରୁ ମାଟ୍ରିକ୍ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ (ବିଏ ପାର୍ଟ–୧) ପାଠ ପଢ଼ିଛନ୍ତି। ତାଙ୍କ ସ୍ତ୍ରୀ ତଥା ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାର ସିଂଦେଓ ଚଳିତ ନିର୍ବାଚନକୁ ମିଶି ୫ ଥର ବଲାଙ୍ଗୀର ଲୋକସଭା ଆସନରୁ ସାଂସଦ ନିର୍ବାଚିତ ହୋଇଛନ୍ତି।

# ପରିବେଶ ବିଜ୍ଞାନୀରୁ କ୍ୟାବିନେଟ୍ ମନ୍ତ୍ରୀ

### ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ

ବଲାଙ୍ଗୀର, ୧୨।୬ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶାରେ ପ୍ରଥମ ଭାଜପା ସରକାରରେ ବଲାଙ୍ଗୀର ଜିଲାକୁ ମିଳିଛି ଦୁଇଟି ପଦବୀ। ପାଟଣାଗଡ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଉପମୁଖ୍ୟମନ୍ତ୍ରୀ ଭାବେ ଓ ଲୋଇସିଂହା ବିଧାୟକ ତଥା ଭାଜପାର ଯୁବ ଚେହେରା ଡ. ମୁକେଶ ମହାଲିଙ୍ଗ ବୁଧବାର ଭୁବନେଶ୍ୱର ଜନତା ମଇଦାନରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମହାଲିଙ୍ଗ ଶପଥ ଗ୍ରହଣ କରିବା ପରେ ଲୋଇସିଂହା ନିର୍ବାଚନମଣ୍ଡଳୀ ଏବଂ ବଲାଙ୍ଗୀର ଜିଲାରେ ଖୁସି ପ୍ରକାଶ ପାଇଛି। ୨୦୨୪ ନିର୍ବାଚନରେ ଡ ମହାଲିଙ୍ଗ ଦ୍ୱିତୀୟ ଥର ଲୋଇସିଂହା ଆସନରୁ ଭାଜପା ପ୍ରାର୍ଥୀ ହୋଇ ବିଜୟୀ ହୋଇଛନ୍ତି। ଏଥର ସେ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କୁ ୧୮,୧୯୦ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ପ୍ରଥମ କରି ଲୋଇସିଂହା ଆସନରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଡ. ମହାଲିଙ୍ଗ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ରାଜନୀତିକୁ ଆସିବା ପୂର୍ବରୁ ଡ. ମହାଲିଙ୍ଗ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ବରିଷ୍ଠ ବୈଜ୍ଞାନିକ ଏବଂ ଆଞ୍ଚଳିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବିଭାଗରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ସେ ରାଜନୀତିରେ ପ୍ରବେଶ କରିଥିଲେ। ଜଣେ ପରିବେଶ ବୈଜ୍ଞାନିକ ଭାବେ ଡ. ମହାଲିଙ୍ଗଙ୍କ ସୁନାମ ରହିଛି। ୭ ଜୁଲାଇ ୧୯୭୩ ମସିହାରେ ଜନ୍ମଗ୍ରହଣ କରିଥିବା ଡ. ମହାଲିଙ୍ଗ ୧୯୮୮ ମସିହାରେ ମାଟ୍ରିକ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର, ଏମଫିଲ୍ ଏବଂ ପିଏଚ୍‌ଡି ଡିଗ୍ରୀ ହାସଲ କରି ୧୯୯୮ ମସିହାରେ ଜଙ୍ଗଲ ଓ ପରିବେଶ ବିଭାଗରେ ସହକାରୀ ପରିବେଶ ବିଜ୍ଞାନୀ ଭାବେ ଚାକିରି ଆରମ୍ଭ କରିଥିଲେ। ପଦ୍ମପୁର ଅଞ୍ଚଳର କଲେଜରେ ପାଠ ପଢୁଥିଲା ବେଳେ ମୁକେଶ ଛାତ୍ର ସଂସଦ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଫିସର ୟୁନିୟନ ସମ୍ପାଦକ ଭାବେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଥିଲେ।



ଡ. ମୁକେଶ ମହାଲିଙ୍ଗ

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି, ୧୨।୬ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ ଆଇନ ପ୍ରାଧିକରଣ କମିଟି ଦ୍ୱାରା ବୁଧବାର ଅପରାହ୍ନରେ କୋର୍ଟ ପରିସରରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ବିଭିନ୍ନ ମୌଳିକ ଅଧିକାର ଉପରେ ଆଲୋକପାତ କରାଯାଇଥିଲା। ଶିଶୁମାନେ କିପରି ମୌଳିକ ଅଧିକାର ପାଇପାରିବେ। ଶିକ୍ଷା, ସ୍ୱାସ୍ଥ୍ୟ ସହ ବାଲ୍ୟଜୀବନ ଉପରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଏଥିଲାଗି ସାଧାରଣ ଲୋକଙ୍କ କ'ଣ ଗୁରୁଦାୟିତ୍ୱ ରହିଛି। ବିଭିନ୍ନ ଅନୁଷ୍ଠାନ, ହୋଟେଲ ଏବଂ ଘରୋଇ ଶିଶୁ ଶ୍ରମିକ କିପରି ନ ହେବେ ସେନେଇ ବିଭିନ୍ନ ମତ ପ୍ରକାଶ ପାଇଥିଲା। କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ପ୍ରାଧିକରଣ ଅଧ୍ୟକ୍ଷ ହିମାଂଶୁ ଶେଖର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାହୁଲ କୁମାର ଜେନା ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ଆଇନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ସଞ୍ଜୟ କୁମାର ମିଶ୍ର, ଓକିଲ ମନୋଜ କୁମାର ଦାଶ, ବୃନ୍ଦାବନ ରାଉତଙ୍କ ସହ କୋର୍ଟ କର୍ମଚାରୀ ମତ ଦେଇଥିଲେ। ଓକିଲ ସଂଘର ସଭ୍ୟ, କୋର୍ଟ କର୍ମଚାରୀ ଏବଂ ପିଏଲଭି ସଭ୍ୟ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିବାହ ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ କଲେ ଦେବଦମ୍ପତି

ଟିଟିଲାଗଡ, ୧୨।୬ (ଶରତ ମିଶ୍ର)

ଶୀତଳ ଷଷ୍ଠୀ କମିଟି, ଟିଟିଲାଗଡ଼ ପକ୍ଷରୁ ୨୪ତମ ଶିବ ବିବାହ ଉତ୍ସବ ମହାଆଡମ୍ବର ସହକାରେ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କୁମୁଡା ପାହାଡ଼ସ୍ଥିତ ଧବଳେଶ୍ୱର ମନ୍ଦିରରୁ ଶିବ ଏବଂ ପାର୍ବତୀଙ୍କୁ ସିରଭଟାପଡାସ୍ଥିତ ବରପକ୍ଷ ଏବଂ ହାଟପଦାପଡା କନ୍ୟା ଘରକୁ ଅଣାଯାଇଥିଲା। ସୋମବାର ରାତିରେ ଭଗବାନ ଶିବ, ପିତା କାନ୍ତ ଖରସେଲ, ମାତା କନକ ଖରସେଲ, ମାମୁଁ ଚିନ୍ତା ପାଣ୍ଡେଙ୍କ ସମେତ ସହସ୍ରାଧିକ ଭକ୍ତଙ୍କ ଗହଣରେ ବିଶାଳ ଧାର୍ମିକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ହାଟପଦାପଡାସ୍ଥିତ ବିବାହ ମଣ୍ଡପରେ ପହଞ୍ଚିଥିଲେ। କନ୍ୟା ଦେବୀ ପାର୍ବତୀଙ୍କ ପିତା ରମେଶ ବଛା, ମାତା ତୁଳସୀ ବଛା, ମାମୁଁ ହରେରାମ ବେହେରା ବର ଶିବଙ୍କୁ ବିବାହ ବେଦୀକୁ ପାଛୋଟି ନେଇଥିଲେ। ବୈଦିକ ମତେ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, ମନ୍ତ୍ର ଧ୍ୱନି ସହ ପୁରୋହିତମାନେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। କନ୍ୟା ପକ୍ଷରୁ ବରଯାତ୍ରୀ ଦଳଙ୍କୁ ଅନ୍ନ ପ୍ରସାଦରେ ଆପ୍ୟାୟିତ ସହ ଜାନି ଯୌତୁକ ପ୍ରଦାନ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ହଜାର ହଜାର ଭକ୍ତଙ୍କ ଗହଣରେ ଦେବ ଦମ୍ପତି ମନ୍ଦିର ପ୍ରତ୍ୟାବର୍ତନ କରିଥିଲେ। କମିଟିର ଆବାହକ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିବାହ ଉତ୍ସବରେ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, ଲିଙ୍ଗରାଜ ସାହୁ, ଅଭି ବାଗ, ଗୁରିଆ ସୁନା, ପ୍ରଭାକର ସରାଫ, ଶେଖର ସିହ୍ନା, ଦିଲୀପ ଷଡ଼ଙ୍ଗୀ, ଟିକେଲାଲ ସେଠ, ନାରେନ ସାହୁ ସହଯୋଗ କରିଥିଲେ। କାର୍ତ୍ତିକ ନାଏକ, ଗୋବିନ୍ଦ ସାହୁ, ରତ୍ନଜିତ ମିଶ୍ର, କଳାକାହ୍ନୁ ନାଏକ, ସଞ୍ଜୀବ ତ୍ରିପାଠୀ, ଭବାନୀ ଷଡ଼ଙ୍ଗୀ, ବୁଠି ଘିଭେଲା, ସଞ୍ଜୟ ତ୍ରିପାଠୀ, ବିକାଶ ଅଗ୍ରୱାଲ, ନରୋତ୍ତମ ସାହୁ, ଅରୁଣ ସାହୁ, ସମୀର ମନହିରା, ଧଳାକାହ୍ନୁ ବୁଢ଼େକ, ଯୁବରାଜ ବାଗ, ଯତୀନ ବାଗ, ସୁନିଲ ବଛା ମଧ୍ୟ ଯୋଗଦେଇ ସହଯୋଗ କରିଥିଲେ।



ଦେବ ଦମ୍ପତ ମନ୍ଦିର ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

# ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା, ଦର୍ଶନ ଦେଲେ ଦେବଦମ୍ପତି

ବଲାଙ୍ଗୀର, ୧୨।୬ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରରେ ବୁଧବାର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ସମ୍ପନ୍ନ ହୋଇଛି। ବଲାଙ୍ଗୀର ଏବିଏସ୍‌ଏସ୍ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ୩୬ ତମ ଶୀତଳଷଷ୍ଠୀ ମହୋତ୍ସବର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଭୋରରୁ ଆରମ୍ଭ ହୋଇଥିଲା। ସ୍ଥାନୀୟ ଏବିଏସ୍‌ଏସ୍ ପଡାରୁ ନବଦମ୍ପତି ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବା ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କୁ ସୁସଜ୍ଜିତ ରଥରେ ରଥାରୂଢ଼ କରି ସହର ପରିକ୍ରମା କରାଯାଇଥିଲା। ଶୀତଳ ଷଷ୍ଠୀ ପୂଜା କମିଟି ସଭାପତି ସମୀର ସାହାଣୀ ଓ ସମ୍ପାଦକ ବଣ୍ଟି ମିଶ୍ରଙ୍କ ନେତୃତ୍ୱରେ ସମସ୍ତ କମିଟି ସଦସ୍ୟ ଏହି ପରିକ୍ରମା ଶୋଭାଯାତ୍ରାରେ ସହଯୋଗ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ ବିଚିତ୍ରା, ଆକର୍ଷଣୀୟ ମେଢ଼ ଶୋଭାଯାତ୍ରାକୁ ଆକର୍ଷଣୀୟ କରିଥିଲା। ଭାଗିରଥି ଛକ, ମେନ ମାର୍କେଟ, ପାଟଣା ହୋଟେଲ ଛକ, ସମଲେଶ୍ୱରୀ ମନ୍ଦିର ଛକ, ସୁରୁଚି ବଜାର ଛକ ଦେଇ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ପରିକ୍ରମା କରିଥିଲା। ବିବିଏସ୍‌ଏସ୍ ଶୀତଳ ଷଷ୍ଠୀ ପୂଜା କମିଟି, ସାଗରପଡା ଶୀତଳଷଷ୍ଠୀ ପୂଜା କମିଟି, ବ୍ରାହ୍ମଣପଡା ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ନଗର ପରିକ୍ରମା କରାଯାଇଥିଲା।

# ରୋହିତଙ୍କୁ ସ୍ୱତନ୍ତ୍ର ଯୋଜନାରେ ସାମିଲ ଦାବି

- ■ ପାଠପଢ଼ାରେ ଅର୍ଥ ସାଜିଛି ବାଧକ
- ■ ବଡ଼ଭଉଣୀ ଘରେ ରହି ପଢୁଛନ୍ତି କଲେଜରେ

ଲୋଇସିଂହା, ୧୨।୬ (ସୁଶାନ୍ତ ବାରିକ)

ରୋହିତ ବେରିହା। ବୟସ ୧୭। ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର। ମା'ବାପା ଛେଉଣ୍ଡ ଏହି ଛାତ୍ର ଜଣକ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମରେ ରହୁଥିବା ବଡଭଉଣୀ ରୀତାଞ୍ଜଳି ସେଠଙ୍କ ଘରେ ରହି ପାଠ ପଢୁଛନ୍ତି। ରୀତାଞ୍ଜଳିଙ୍କ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ବହୁ କଷ୍ଟରେ ପରିବାର ଚଳୁଥିବା ବେଳେ ରୋହିତଙ୍କ ପାଠ ପଢିବା ପାଇଁ ଅର୍ଥ ସାଜିଛି ବାଧକ। ଫଳରେ ଆଗକୁ ସେ କିପରି ପଢିବେ ସେ ନେଇ ଚିନ୍ତା ବଢିଛି।

ପ୍ରକାଶ ଯେ, ରୋହିତଙ୍କ ନିଜ ଘର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଆଡକଟାଂ ଗ୍ରାମରେ । ସେ ଛୋଟ ଥିବା ବେଳେ ମା' ବତୀ ବେରିହା ଓ ବାପା ସଦାନନ୍ଦ ବେରିହାଙ୍କୁ ହରାଇଥିଲେ। ମା' ବାପାଙ୍କ ମୃତ୍ୟୁ ପରେ ୩ ଭାଇଭଉଣୀ ରୋହିତ, ବଡଭାଇ ଜିତେନ୍ଦ୍ର ଏବଂ ବଡଭଉଣୀ ରୀତାଞ୍ଜଳି ଅସହାୟ ହୋଇ ପଡିଥିଲେ। ରୋହିତଙ୍କୁ ସୋନପୁର ସଦର ଅନାଥାଶ୍ରମରେ ଛାଡି ଦିଆଯାଇଥିଲା। ସେଠାରେ ରହି ପାଠ ପଢୁଥିଲେ। ୨୦୧୨ରେ ରୋହିତଙ୍କ ବଡଭଉଣୀଙ୍କ ବିବାହ ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମର ମହରଘୁ ସେଠଙ୍କ ସହ ହୋଇଥିଲା। ଏହାପରେ ରୀତାଞ୍ଜଳି ସ୍ୱାମୀ ମହରଘୁଙ୍କୁ କହି ସାନଭାଇ ରୋହିତଙ୍କୁ ଆଶ୍ରମ ସ୍କୁଲରୁ ଆଣି ନିଜ ପାଖରେ ରଖିଥିଲେ। ପରେ ବାଦିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ। ସେବେଠାରୁ ରୋହିତ ବଡଭଉଣୀ ଓ ଭିଣେଇଙ୍କ ପାଖରେ ବାଦିବାହାଲରେ ରହି ଆସୁଛନ୍ତି। ଏବେ ସେ ହାଇସ୍କୁଲ ଶିକ୍ଷା ସାରି କଲେଜରେ ଅଧ୍ୟୟନ କରୁଛନ୍ତି। ହେଲେ ପାଠ ପଢିବା ପାଇଁ ଅର୍ଥ ବାଧକ ସାଜିଛି। ରୀତାଞ୍ଜଳିଙ୍କ ନାମରେ ଥିବା ରାଶନ କାର୍ଡରେ ରୋହିତଙ୍କ ନାମ ଯୋଡିବାକୁ ଅନେକ ସଂଘର୍ଷ କରିଥିଲେ ମହରଘୁ। ଦୀର୍ଘବର୍ଷ ପ୍ରତୀକ୍ଷା ପରେ ଏବେ ରୋହିତଙ୍କ ନାମ ରାଶନ କାର୍ଡରେ ଯୋଡି ହୋଇଛି। ମହରଘୁଙ୍କ ଜମିବାଡି ନାହିଁ। ଦିନମଜୁରୀ କରି ପରିବାର ଚଳାଉଛନ୍ତି। ଏହି ଦମ୍ପତିଙ୍କ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ରୋହିତଙ୍କୁ ମିଶାଇ ପରିବାରରେ ୪ ଜଣ । ଦିନକୁ ଦିନ ଦରଦାମ ବୃଦ୍ଧି ପାଉଥିବା ବେଳେ ୪ ପ୍ରାଣୀ କୁଟୁମ୍ବ ଚଳାଇବା ମହରଘୁଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଛି। ଏହାସତ୍ତ୍ୱେ ରୋହିତଙ୍କ ପାଢପଢା କ୍ଷେତ୍ରରେ କେବେ ହେଲେ ହେଳା କରିନାହାନ୍ତି ମହରଘୁ। ତାଙ୍କର ଏହି ମହାନତାକୁ ସାଧାରଣରେ ପ୍ରଶଂସା କରାଯାଇଛି । ଏହି ପରିବାରକୁ ଅନ୍ତୋଦୟ ଯୋଜନାରେ ସାମିଲ କରିବା ସହ ରୋହିତଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



ମହରଘୁଙ୍କ ସହ ରୋହିତ।

# ମୁକେଶଙ୍କୁ ମନ୍ତ୍ରୀ ପଦ ପରେ ବଢ଼ିଲା ଆଶା

ଲୋଇସିଂହା, ୧୨।୬ (ସୁଶାନ୍ତ ବାରିକ)

୨୦୨୪ ସାଧାରଣ ନିର୍ବାଚନ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ବିଜେଡି ସରକାରକୁ ଗାଦିଚ୍ୟୁତ କରି ଭାଜପା ସଂଖ୍ୟା ଗରିଷ୍ଠତା ହାସଲ କରିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ କରିଛି। ଓଡିଶାରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଛି। ବୁଧବାର ସନ୍ଧ୍ୟାରେ ନୂଆ ସରକାର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝି ଶପଥ ନେଇଛନ୍ତି। ନୂତନ ମନ୍ତ୍ରୀମଣ୍ଡଳରେ ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସ୍ଥାନ ପାଇଛନ୍ତି। ବିଜେଡି ଗଡ଼ରେ ସେ ଲଗାତାର ୨୦୧୯ ଓ ୨୦୨୪ରେ ବିଜୟୀ ହୋଇଛନ୍ତି । ବିଗତ ୫ବର୍ଷ ମଧ୍ୟରେ ବିଧାନସଭାରେ ତାଙ୍କ ପ୍ରଦର୍ଶନ ଓ ସାଙ୍ଗଠନିକ ଦକ୍ଷତା ବଳରେ ତାଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ମିଳିପାରିଛି। ମନ୍ତ୍ରୀମଣ୍ଡଳରେ ସାମିଲ ଖବର ପ୍ରଚାର ପରେ ଲୋଇସିଂହା ନିର୍ବାଚନମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସମର୍ଥକ ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ଓ ମିଷ୍ଟାନ୍ନ ବଣ୍ଟନ କରି ଉତ୍ସବ ମନାଇଛନ୍ତି। ଅପରପକ୍ଷେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

ତାଙ୍କ ଠାରୁ କ'ଣ ସବୁ ଆଶା କରାଯାଉଛି ସେ ସମ୍ପର୍କରେ କେତେକ ବ୍ୟକ୍ତିବିଶେଷଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇଛି। ଲୋଇସିଂହା ବାସିନ୍ଦା ପୂର୍ବତନ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଲୋଇସିଂହା ବିଧାୟକ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅତୀତରେ ଏହି ନିର୍ବାଚନମଣ୍ଡଳୀରୁ ବିଜୟୀ ନେତାଙ୍କୁ ବିଭିନ୍ନ ପଦବୀ ମିଳିଛି। ୧୯୯୦ରେ ଜନତା ଦଳରୁ ବିଜୟୀ ହୋଇ ନରସିଂହ ମିଶ୍ର ମଧ୍ୟ ଆଇନ ମନ୍ତ୍ରୀ ହୋଇଥିଲେ। ସେତେବେଳେ ଅଞ୍ଚଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ଏଣୁ ମହାଲିଙ୍ଗ ମନ୍ତ୍ରୀ ପଦ ପାଇବା ପରେ ସମସ୍ତ ଗାଁକୁ ପିଇବା ପାଣି ଯୋଗାଣ, ଲୋୟର ସୁକତେଲରୁ ବାଦ ପଡିଥିବା ପଞ୍ଚାୟତ ଅଞ୍ଚଳ ଚାଷ ଜମିକୁ ଜଳସେଚନ ସୁନିଶ୍ଚିତ କରିବା, ଲୋଇସିଂହାରେ ଏକ ସୁପର କ୍ଲାସ ହସ୍ପିଟାଲ, ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ଏବଂ କ୍ରୀଡାବିତଙ୍କ ବିକାଶ ଲାଗି ଷ୍ଟାଡିୟମର ଉନ୍ନତିକରଣ ହେବ ବୋଲି ଆମେ ଆଶା କରୁଛୁ।

ସେହିପରି ଆଗଲପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନମୋହନ ପଟେଲ ଶୁଭେଚ୍ଛା ଜଣାଇବା ସହ ଏହା ଲୋଇସିଂହା ପାଇଁ ଗୌରବ ବୋଲି କହିଛନ୍ତି। ଆଗାମୀ ଦିନରେ ଲୋଇସିଂହାରେ ବିକାଶ ତ୍ୱରାନ୍ୱିତ ହେବ। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ସମସ୍ୟା ଦୂର ହେବ ବୋଲି ପଟେଲ ଆଶାବ୍ୟକ୍ତ କରିଛନ୍ତି। ବରିଷ୍ଠ ନାଗରିକ ବଂଶୀଧର କାଲସାଏ ଅଭିନନ୍ଦନ ଜଣାଇଛନ୍ତି । ବ୍ଲକରେ ଚାଲିଥିବା ଦୁର୍ନୀତି ଓ ଠିକାଦାର ରାଜୁତିକୁ ରୋକିବା ସହ ନିଯୁକ୍ତି କ୍ଷେତ୍ରରେ ସରକାରୀ ସ୍ତରରେ ବଡଧରଣର ଅନିୟମିତତା ହେଉଛି। ୩ ଗ୍ରେଡ ପର୍ଯ୍ୟନ୍ତ ଜିଲା କ୍ୟାଡର ଭାବେ ସରକାର ନିଯୁକ୍ତି ଦେବେ ବୋଲି ସେ ଆଶାପୋଷଣ କରିଛନ୍ତି। ଲୋଇସିଂହା ବରିଷ୍ଠ ନାଗରିକ ଏବଂ ଓକିଲ ସଂଘ ସମ୍ପାଦକ ପ୍ରଶାନ୍ତ ବେହେରା ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ଲୋଇସିଂହାକୁ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ ଲାଗି ବିଧାନସଭାରେ ଦାବି ଉପସ୍ଥାପନା କରିଥିଲେ ମହାଲିଙ୍ଗ। ଡବଲ ଇଞ୍ଜିନ ସରକାର ହୋଇଥିବାରୁ ଏହାକୁ ସେ ଗୁରୁତ୍ୱ ଦେବେ ବୋଲି ଆଶା କରୁଛୁ। ଏହଛଡା ବରିଷ୍ଠ ନାଗରିକ ଉତ୍ତର ହେର୍ଣ୍ଡା ଘୋଷଣା ହୋଇଥିବା ଲୋଇସିଂହା ଏନଏସିକୁ ଖୁବଶୀଘ୍ର କାର୍ଯ୍ୟକାରୀ କରିବା ସହ ପିଇବା ପାଣି ସଙ୍କଟ ଦୂର ଦିଗରେ ପଦକ୍ଷେପ ନେବେ ବୋଲି ଆଶା ରଖିଥିବା କହିଛନ୍ତି। ନଅଗାଁ(ଖ) ବାସିନ୍ଦା ତଥା ପଲ୍ଲୀ ଆଲୋକ ପାଠାଗାରର ସମ୍ପାଦକ ପ୍ରଶାନ୍ତ ନାୟକ ଶୁଭେଚ୍ଛା ଜଣାଇବା ସହ ବିଗତ ୫ ବର୍ଷର ପ୍ରତିଶ୍ରୁତି ପୂରଣ କରିବା ସହ ବେକାରୀ ସମସ୍ୟା ଦୂର ଦିଗରେ ପ୍ରାଥମିକତା ଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି।



ମନ୍ତ୍ରୀପଦ ମିଳିବା ପରେ ମୁକେଶ ମହାଲିଙ୍ଗଙ୍କୁ ଭୁବନେଶ୍ୱରଠାରେ କର୍ମୀ ଓ ସମର୍ଥକମାନେ ଶୁଭେଚ୍ଛା ଜଣାଉଛନ୍ତି ।

# ପାଠ୍ୟ ପୁସ୍ତକରେ ଖଗେଶ୍ୱର ସାହିତ୍ୟ ସ୍ଥାନିତ ହେଉ

## ଜୟନ୍ତୀ ସମାରୋହରେ ମତପ୍ରକାଶ

ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ)





ସମାରୋହରେ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହକେଲର ଲୋକାର୍ପଣ ହେଉଛି। ପ୍ରଫେସର ଡ. ବବ୍ରୁବାହନ ମହାପାତ୍ରଙ୍କୁ ଖଗେଶ୍ୱର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

ବରଗଡ଼ ଜିଲା ବିଜେପୁର ଏସଏଚଜି ଭବନରେ ମଙ୍ଗଳବାର ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଆୟୋଜିତ ଉକ୍ତ ସମାରୋହରେ ସାହିତ୍ୟିକ ଡଃ ସୁବାଷ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ନାଟ୍ୟକାର ମୋହନ ସିଂ କହ୍ନେଇ ଅଧ୍ୟକ୍ଷତା କରିଥିବାବେଳେ କଳାପାଣି ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖଗେଶ୍ୱର ସାହିତ୍ୟର ଗାରିମା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ, କବି ଖଗେଶ୍ୱର ଶେଠଙ୍କ ରଚନାବଳୀ ଅନନ୍ୟ ଓ ଅନୁପମ। ଉଭୟ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷାରେ ତାଙ୍କ ରଚିତ ସାହିତ୍ୟରୁ ଅନ୍ୟାୟ, ଅନୀତି ବିରୋଧରେ ସମାଲୋଚନା ସ୍ପଷ୍ଟ ବାରି ହୋଇପଡ଼େ। ଚାରିଭାଗରେ ବିଭକ୍ତ ତାଙ୍କ ରଚନା ନିକଟ ଅତୀତରେ ଗ୍ରନ୍ଥାବଳୀ ଭାବେ ପ୍ରକାଶିତ ହୋଇଥିଲେ ସୁଦ୍ଧା କିଛି ସୃଷ୍ଟି ଅପ୍ରକାଶିତ ହୋଇ ରହିଯାଇଛି। ସେହିପରି ଖଗେଶ୍ୱର ସାହିତ୍ୟକୁ ପାଠ୍ୟ ପୁସ୍ତକରେ ସ୍ଥାନୀତ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପଦକ୍ଷେପ ନେବା ଉଚିତ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ।

ଏହି ଅବସରରେ ବାରିପଦା ଉତ୍ତର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ବବ୍ରୁବାହନ ମହାପାତ୍ରଙ୍କୁ ଖଗେଶ୍ୱର ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତିକାର ମକରଧ୍ୱଜ ସାହୁ ମାନପତ୍ର ପାଠ କରିଥିଲେ। କ୍ରାନ୍ତୀ କଣ୍ଠଶିଳ୍ପୀ ଅଜିତ କୁମାର ପାଣିଗ୍ରାହୀ ପ୍ରାରମ୍ଭିକସଙ୍ଗୀତପରିବେଷଣକରିଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପସଭାପତି ଦିଲୀପ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦ ପକ୍ଷରୁ ପ୍ରକାଶିତ ବାର୍ଷିକ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହକେଲର ଦ୍ୱିତୀୟ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସାରସ୍ୱତ ସମାରୋହକୁ ସମ୍ପାଦକ ରାଜେଶ୍ୱର ବେହେରା ସଂଯୋଜନା କରିଥିଲେ। ଦୁର୍ବାଦଳ ମେହେର ଏବଂ ସୁଷମା ଭୋଇ ଉଦଯାପନୀ ସଙ୍ଗୀତ ଗାନ କରିଥିଲେ। ବିଜେପୁର କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ଡଃ ଚିନ୍ମୟ ସାହୁ, କ୍ରାନ୍ତୀକବି ହରିଲାଲ ସାହୁ, ଅଜିତ କୁମାର ମେହେର, ଗାଳ୍ପିକ ନରେନ୍ଦ୍ର ମହାନ୍ତି, କଥାକାର ତେଜରୁ ବାରିକ, ରାମପ୍ରସାଦ ବାଗ, ଅଧିକାରୀ ସା ପ୍ରମୁଖ ସମାରୋହରେ ଉପସ୍ଥିତ ଥିଲେ। ପରିଷଦର ସହସମ୍ପାଦକ ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



**ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅତାବିରା ତହସିଲ ଅନ୍ତର୍ଗତ ଜହ୍ନାପଡ଼ା ଗ୍ରାମର ନେହେରୁ ସେଟ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତାଙ୍କ ମା' ଏବଂ ବାପାଙ୍କ ନାମରେ କିଣାଯାଇଥିବା କିଛି ଜମିକୁ କେତେକ ପ୍ରଭାବଶାଳୀ ଲୋକେ ବେଆଇନ ଭାବେ ଦଖଲ କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ନେହେରୁ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିବା ସେ କହିଛନ୍ତି। ତାଙ୍କ ମା, ବାପାଙ୍କ ନାମରେ କିଣାଯାଇଥିବା ଜମି ତାଙ୍କୁ ଦଖଲ ଦେବାରେ ବିହିତ ପଦକ୍ଷେପ ନେବା ପାଇଁ ନେହେରୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଗଛ ବ୍ୟବହାର ପ୍ରତି କଟକଣା ଦାବି

**ପଦ୍ମପୁର,୧୨।୬(ପ୍ରଦୀପ୍ତ ଦାଶ):** ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆଳରେ ହଜାର ହଜାର ଗଛ ବଳି ପଡୁଥିବା ଦେଖିବାକୁ ମିଳୁଛି। ସରକାର ବିଭିନ୍ନ ସଙ୍ଗଠନ ଦ୍ୱାରା ବୃକ୍ଷ ରୋପଣ କରୁଛନ୍ତି। ସିଧା ସଳଖ ଥାଇ ସୁସ୍ଥ, ସବଳ ଗଛ ଗୁଡିକ କାଟି ୨/୩ ଦିନ ଯଜ୍ଞ, ବିବାହଗୁଡିକରେ ବ୍ୟବହାର କରୁଛନ୍ତି। କାର୍ଯ୍ୟକ୍ରମ ସରିଗଲା ପରେ ତାକୁ ଅନ୍ୟତ୍ର ଅଧିକ ଦାମ ବିକ୍ରି କରୁଛନ୍ତି। ନାମ ସଂକୀର୍ତ୍ତନ ପାଇଁ ହଜାର ହଜାର ସଂଖ୍ୟକ ଗଛ କାଟି ଦିଆଯାଉଛି। ପ୍ରତ୍ୟେକ ପୁରପଲ୍ଲୀରେ କୀର୍ତ୍ତନ ମଣ୍ଡଳୀ, ବିବାହ ଆଦିରେ ବହୁତ ସଂଖ୍ୟାରେ ଗଛ କାଟି ଦିଆଯାଉଛି। କିଛି ବର୍ଷ ପୂର୍ବରୁ ବନ ବିଭାଗର କଟକଣା ଥିବାରୁ ଗଛ କଟା କିଛି ମାତ୍ରାରେ କମ ଥିଲା। କିନ୍ତୁ ବର୍ତ୍ତମାନ ଭୟ ଶୂନ୍ୟ ହୋଇଯାଇଛି। ଆଗାମୀ ଦିନରେ ବୃକ୍ଷ ରୋପଣ କରିବାକୁ ସଚେତନତାର ଆବଶ୍ୟକତା ରହିଛି। ସାମାନ୍ୟ ସ୍ୱାର୍ଥ ପାଇଁ ଯଜ୍ଞ ଆଳରେ ଗଛ କାଟି ପରିବେଶକୁ କଳୁଷିତ କରିବା ପ୍ରତି ବନ ବିଭାଗ ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ।

## ବାଇକ୍ ରାଲିରେ ରକ୍ତଦାନ ସଚେତନତା

ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ୧୫ତମ ପ୍ରତିଷ୍ଠା ଦିବସ ଆସନ୍ତା ୧୪ ତାରିଖ ଅନୁଷ୍ଠିତ ହେବ। ଖଣ୍ଡହଥା ଆନ୍ତ୍ରକ୍ୟାମ୍ପସ୍ଥିତ ନିଷ୍ଠା ଭବନରେ ଏହା ଅନୁଷ୍ଠିତ ହେବ। ଏହି କ୍ରମରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରତିଷ୍ଠା ଦିବସ ପୂର୍ବରୁ ବୁଧବାର ବାଇକ୍ ରାଲିରେ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରାଯାଇଛି। ବରଗଡ଼ କୃଷକ ବଜାରରୁ ବାଇକ୍ ରାଲି ବାହାରିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡା. ନିରୁପମା ଷଡ଼ଙ୍ଗୀ, ଜନ୍ମେଜୟ ସାମଲ, ଜ୍ଞାନପ୍ରକାଶ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ୍ର ସାହୁ, ମଦନ ମୋହନ ଦାଶ, ବିଦ୍ୟାଧର ଭୋଇ, ଜୟନ୍ତ ପ୍ରଧାନ, ସଚି ପଣ୍ଡା, ଜିତୁ ମହାପାତ୍ର, ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସଙ୍କେତ ଆଠଘରା, ମହିଳା ଶାଖାର ମୁଖ୍ୟ ତ୍ରିପୁରା ସୁହୁଲାଙ୍କ ସମେତ ସମସ୍ତ ସଦସ୍ୟା, ସଦସ୍ୟ ଏଥିରେ ସାମିଲ ଥିଲେ।

# ପାର୍ବତୀଙ୍କ ଶ୍ୱଶୁରାଳୟ ଗମନ ଲମ୍ବାନୀ ଶୋଭାଯାତ୍ରା ସମ୍ପନ୍ନ



ବରପାଲି ଶୀତଳଷଷ୍ଠୀ ମହୋତ୍ସବରେ ଆୟୋଜିତ ଶୋଭାଯାତ୍ରା

ବରପାଲି,୧୨।୬(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ୧୪୭ତମ ଶୀତଳଷଷ୍ଠୀ ଶିବବିବାହ ମହୋତ୍ସବର ଅନ୍ତିମପର୍ବ ସମାପନ ସହ କନ୍ୟାପକ୍ଷର ଝିଅ ବିଦାକିଓ ମାତା ପାର୍ବତୀଙ୍କ ଶଶୁରାଳୟ ଗମନ ଲମ୍ବାନୀ ଶୋଭାଯାତ୍ରା ସମ୍ପନ୍ନ ହୋଇଯାଇଛି। ସନ୍ଧ୍ୟାରେ କନ୍ୟାପକ୍ଷଙ୍କ ପକ୍ଷରୁ ଝିଅ ବିଦାକି ଶୋଭାଯାତ୍ରା ହିମାଦ୍ରୀ ନଗରରୁ ବାହାରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଜାଗାଜା ଆତଶବାଜି ସହିତ ସମାରୋହ ନଗର ପରିକ୍ରମା ମାଧ୍ୟମରେ ସହର ପରିକ୍ରମା କରି ଭଣ୍ଡାର ଗୃହରେ ପହଞ୍ଚିଥିଲା। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ଦେବଦମ୍ପତିଙ୍କୁ ସ୍ୱାଗତ ଜଣାଇବା ସହିତ ପୂଜାର୍ଚ୍ଚନା ଓ ସହସ୍ରାଧିକ କର୍ପୁର ଆଳତି ଅର୍ପଣ କରାଯାଇଥିଲା। କନ୍ୟା ବିଦାକିରେ ଆସିଥିବା କନ୍ୟାପକ୍ଷ ଭଦ୍ରମଣ୍ଡଳୀ ଓ ଅତିଥିମାନଙ୍କୁ ସମ୍ମାନର ସହ ଅଭ୍ୟର୍ଥନା ଜଣାଇଥିଲେ। ପରେ ବିଳମ୍ବିତ ରାତ୍ର ସମୟରେ ଭଣ୍ଡାର ଗୃହ ରାଜଭାଟି ସମ୍ମୁଖରୁ ଶିବଶକ୍ତି ଯୁଗଳମୂର୍ତ୍ତି ଓ ପାର୍ଶ୍ୱଦେବତାମାନଙ୍କୁ ନେଇ ଲମ୍ବାନୀ ଶୋଭାଯାତ୍ରା ନଗର ପରିକ୍ରମାରେ ବାହାରିଥିଲା। ଶୋଭାଯାତ୍ରା କଂସାରିପଡ଼ା, ତେଲିପଡ଼ା, କୁଷ୍ଠାପଡ଼ା, ମଧପଡ଼ା ଛିପିପଡ଼ା, ଗୁଡ଼ିଆପଡ଼ା, ଅଶୋକକ୍ଲବ, ହାଟପଦା, ଜବହାର କ୍ଲବ, ଡାକ୍ତରଖାନା ଛକ ବାଟହୋଇ ଗଙ୍ଗାଧର କଲ୍ୟାଣ ମଣ୍ଡପ ସମ୍ମୁଖରେ ପହଞ୍ଚିଥିଲା। ପରେ ଅଗାଡ଼ିମାନେ ଦେବ ପରଭାମାନଙ୍କୁ କାନ୍ଧରୁ ଅବତରଣ କରି ତଳେ ରଖିଥିଲେ। ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତ ଦୂରଦୂରାନ୍ତରୁ ପହଞ୍ଚିଥିଲେ। ସହର ମୁଖ୍ୟରାସ୍ତା ଏକ ଜନସମୁଦ୍ରରେ ପରିଣତ ହୋଇଥିଲା। ଭକ୍ତମାନେ ରାସ୍ତାର ଉଚ୍ଚ ସ୍ଥାନ ତଥା ରାସ୍ତା କଡ଼ରେ ଦେବଦେବୀଙ୍କ ଦର୍ଶନାର୍ଥେ ବହୁ ସମୟ ଅପେକ୍ଷାରେ ରହି ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଭିନ୍ନଭିନ୍ନ ଜାତୀୟ ନୃତ୍ୟ, ସଙ୍ଗୀତ, କିନ୍ନରମାନଙ୍କ ଲୋକକଳା, ଲୋକନୃତ୍ୟ, ଆତସବାଜି ଆଦି ବହୁ ଜାତୀୟ ସାଂସ୍କୃତିକ ସାମିଲ କରାଯାଇଥିଲା।

## ଜଗଦଳପୁରରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ପଦ୍ମପୁର,୧୨।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଜଗଦଳପୁର ଅଲେଖ ମହିମା ଆଶ୍ରମରେ ବିଶ୍ୱର କଲ୍ୟାଣ ପାଇଁ ଅଖଣ୍ଡ ବିଶ୍ୱ ଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ଛତିଶଗଡ଼ ଓଡିଶାରୁ ଅନେକ ମହିମାଧର୍ମ ସାଧୁ, ଭକ୍ତ ଯୋଗଦାନ କରିଥିଲେ। ସମସ୍ତ ଅଲେଖ ମହିମା ଧର୍ମୀମାନଙ୍କ ପାଇଁ ଆଶ୍ରମ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅହୋରାତ୍ର ଅଖଣ୍ଡ ଦୀପ ସହ ହୋମ ହୋଇଥିଲା। ନିକଟସ୍ଥ ଗ୍ରାମରୁ ଶତାଧିକ ଦର୍ଶକ ମହିମା ପ୍ରଭୁଙ୍କ ଦର୍ଶନ କରିଥିଲେ। ନରୋତ୍ତମ ଭକ୍ତ, ଅବଧୁତ ଭକ୍ତ, ଗୋରଖନାଥ ଭକ୍ତ, ସାମାଜିକ କର୍ମୀ ସୁନୀଲ ପଟେଲ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ପାଇକମାଳ ସଡକପଡ଼ା ରାସ୍ତା ପ୍ରଶସ୍ତୀକରଣ ଦାବି

**ପାଇକମାଳ,୧୨।୬(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ମୁଖ୍ୟ ଛକରୁ ଖାରବନ୍ଧ ଯିବା ସଡକପଡ଼ା ରାସ୍ତା ପ୍ରଶସ୍ତୀକରଣ କରାଯିବ ନେଇ ଲୋକେ ସବୁବେଳେ ଦାବି କରୁଛନ୍ତି। ପାଇକମାଳ ଛକରୁ ଖାରବନ୍ଧ ବ୍ଲକ ଡଭା ଗ୍ରାମ ଯାଏଁ ୨୦୧୪ରେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିଲା। ଏହା ପରେ ୨ ଥର ଏହି ରାସ୍ତା କାମ ହୋଇ ଥିଲେ ମଧ୍ୟ ଠିକ ଭାବେ କାମ ହୋଇ ନ ଥିବା ଅଭିଯୋଗ ବାରମ୍ବାର ହୋଇଥିଲା। ତେବେ ଏହି ରାସ୍ତା ପ୍ରଶସ୍ତୀକରଣ କରିବାକୁ ହେଲେ ପାଇକମାଳ ଛକରୁ ସଡ଼କ ପଡ଼ା ପ୍ରଥମେ ଘରଗୁଡିକ କାହାର କେତେ ଭାଙ୍ଗିବ ଏଯାବତ ଚିହ୍ନିତ ହେଉ ନ ଥିବା ଜଣାପଡିଛି। ଅନେକ ଥର ତହସିଲ ଅଫିସ ପକ୍ଷରୁ ରୋଡ ମାପ ହୋଇଥିଲେ ମଧ୍ୟ କାହାର ଘର କେତେ ରୋଡରେ ଯିବ ଚିହ୍ନିତ ହେଉ ନ ଥିବାରୁ କାମ ହୋଇପାରୁ ନାହିଁ। ବିଭାଗୀୟ ଜେଇ ଦିଲୀପ ସାହୁଙ୍କୁ ପଚାରିବାରୁ ଶୀଘ୍ର କାମ ହୋଇ ପାରେ ବୋଲି ଜଣାଇଛନ୍ତି। ରାସ୍ତା ଅଣଓସାରିଆ ଥିବାରୁ ପ୍ରତିଦିନ ରାସ୍ତା ଜାମ ହୋଇଯାଉଛି, ତଥା ଛୋଟବଡ ଦୁର୍ଘଟଣା ମଧ୍ୟ ବାରମ୍ବାର ଘଟୁଛି। ଉଚ୍ଚ ପଦସ୍ଥ ଅଧିକାରୀ ତଥା ପ୍ରଶାସନ ଏଥି ପ୍ରତିଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ପଦ୍ମପୁର ଶୀତଳଷଷ୍ଠୀ ବିବାହ ସମ୍ପନ୍ନ



ବିବାହ ବେଦିରେ ଉଭୟ କନ୍ୟା ମାତାପିତା ଓ ବର ମାତାପିତା।

ପଦ୍ମପୁର,୧୨।୬(ପ୍ରଦୀପ୍ତ ଦାଶ)

### ଭକ୍ତଙ୍କ ଯୁଗଳମୂର୍ତ୍ତି ଦର୍ଶନ, ସହର ପରିକ୍ରମା

ପଦ୍ମପୁର ଶ୍ରୀଶ୍ରୀ ରାମେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ତଥା ପଦ୍ମପୁର ଶୀତଳଷଷ୍ଠୀ ବୁଧବାର ସମ୍ପନ୍ନ ହୋଇଛି। ସକାଳେ ନବବଧୂ ମାତା ପାର୍ବତୀ ରାମେଶ୍ୱର ବାବା ମନ୍ଦିରକୁ ବଧୂ ବେଶରେ ପ୍ରସ୍ଥାନ କରିବା ସହିତ ମନ୍ଦିରରେ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ସନ୍ଧ୍ୟା ୭ଟାରେ ରାମେଶ୍ୱର ବାବା ମନ୍ଦିରରେ ମହାଆଳତୀ ପରେ ଦେବଦମ୍ପତିଙ୍କ ଯୁଗଳଦର୍ଶନରେ ନଗର ପରିକ୍ରମା ପାଇଁ ବାହାରି ଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ ଶଙ୍ଖ ନାଦ ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଲୋକ ବାଦ୍ୟ, ଲୋକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଦେବ ଦମ୍ପତିଙ୍କ ନଗର ପରିକ୍ରମାରେ ଦୁଲଦୁଲି, ସଂପ୍ରଦା, ଘୁମୁରା, କଳଙ୍ଗି, ଓଡିଶୀ, ଧମାଲ ବାଜା ସଂକିର୍ତ୍ତନ, ସବରନାଚ ସହିତ କିନ୍ନରଙ୍କ ନୃତ୍ୟ ଓ ଅଘୋରୀ ନୃତ୍ୟ ଦଳମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ କମିଟି ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତ୍ୟା ସେଠ, ଆଶିଷ ବଂଶଲ, ଭଜନ ଅଗ୍ରୱାଲ, ମହେଶ ବେହେରା, ଆକାଶ ଅଗ୍ରୱାଲ, ଉପଦେଷ୍ଟା ବେଣୁମାଧବ ଦୋରା, ଅଜିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ପଡିଆରେ ମୀନାବଜାର ସହିତ ବିଭିନ୍ନ ପ୍ରକାର ଦୋଲି ଓ ଖାଦ୍ୟ ପସରାର ମେଳା ଲାଗିଛି। ଏହା ସହିତ ମନ୍ଦିର ପାର୍ଶ୍ୱ ପଡିଆରେ ସେଲ୍ଫି ପଏଣ୍ଟରେ ଲୋକମାନେ ଫଟୋ ନେଉଛନ୍ତି।

# ମନ୍ତ୍ରୀଶୂନ୍ୟ ବରଗଡ଼, ଜିଲାବାସୀ ନିରାଶ

ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ପ୍ରଥମ ଥର ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରି ଭାଜପା ସରକାର ଗଠନ କରିଛି। ଏହିକ୍ରମରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ୨ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ୮କ୍ୟାବିନେଟ ମନ୍ତ୍ରୀ ଏବଂ ୫ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଶପଥ ଗ୍ରହଣ କରିଛନ୍ତି। କିନ୍ତୁ ବରଗଡ଼ ଜିଲାକୁ ମନ୍ତ୍ରୀପଦରୁ ବାଦ୍ ଦିଆଯାଇଛି। ନବୀନ ସରକାର ନିଜ ମନ୍ତ୍ରୀମଣ୍ଡଳରେ ସବୁବେଳେ ଏହି ଜିଲାକୁ ଗୁରୁତ୍ୱ ଦେଇ ଆସୁଥିବାବେଳେ ମୋହନ ସରକାର ତାଙ୍କ ପ୍ରଥମ ମନ୍ତ୍ରୀମଣ୍ଡଳରେ ବରଗଡ଼ ଜିଲାବାସୀଙ୍କୁ ନିରାଶ କରିବା ଏବେ ଜିଲାବ୍ୟାପୀ ଚର୍ଚ୍ଚା ଚାଲିଛି। ନବୀନ ସରକାର ଚାଲିଗଲା ପରେ ବରଗଡ଼ ଜିଲାରୁ ମନ୍ତ୍ରୀପଦ ମଧ ଚାଲିଗଲା ବୋଲି ଲୋକେ ଚା ଖଟିରୁ ଆରମ୍ଭ କରି ସବୁଆଡ଼େ କୁହାକୁହି ହେଉଛନ୍ତି।

ବରଗଡ଼ ଜିଲାର ୫ ବିଧାନସଭା ଆସନ ଅତାବିରା, ବରଗଡ଼, ଭଟଲି, ବିଜେପୁର ଏବଂ ପଦ୍ମପୁରକୁ ନେଇ ଗଠିତ। ଏହି ଆସନ ମଧ୍ୟରୁ କେବଳ ପଦ୍ମପୁରରେ ବିଜେଡିର ପ୍ରାର୍ଥୀ ଜିତିଥିବାବେଳେ ଅନ୍ୟ ୪ଆସନକୁ ଭାଜପା କବ୍‌ଜା କରିଛି। ଜିଲାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଆସାମ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ବାଚନୀ ପ୍ରଚାର ଗସ୍ତରେ ଆସି ଜିଲାବାସୀଙ୍କୁ ଭୋଟ୍ ନିବେଦନ କରିଥିଲେ। ଏହାସତ୍ତ୍ୱେ ବରଗଡ଼ ଜିଲାର କୌଣସି ବିଧାୟକ ମନ୍ତ୍ରୀମଣ୍ଡଳରେ ସ୍ଥାନ ନ ପାଇବା ଏବଂ ଦୀର୍ଘବର୍ଷ ପରେ ଜିଲା ମନ୍ତ୍ରୀଶୂନ୍ୟ ହେବା ଘଟଣା ଜିଲାବାସୀଙ୍କୁ ବ୍ୟଥିତ କରିଛି।

ଅନ୍ୟପଟେ ରାଜ୍ୟରେ ବିଜେଡି ସରକାର ଥିବାବେଳେ ପ୍ରାୟତଃ ସବୁବେଳେ ମନ୍ତ୍ରୀମଣ୍ଡଳରେ ବରଗଡ଼ ଜିଲାକୁ ସ୍ଥାନ ଦେଇ ଆସିଛି। ଏହି ଜିଲାରୁ ତତ୍କାଳୀନ ବରଗଡ଼ ବିଧାୟକ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟ, ପୂର୍ବତନ ପଦ୍ମପୁର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ସମେତ ପୂର୍ବତନ ବରଗଡ଼ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଭଟଲି ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ବିଜେପୁର ବିଧାୟିକା ରୀତା ସାହୁଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀପଦ ମିଳିଥିଲା। କିନ୍ତୁ ଜିଲାରେ ଭାଜପାକୁ ଅପ୍ରତ୍ୟାଶିତ ସମର୍ଥନ ମିଳିବା ସତ୍ତ୍ୱେ ଏବେ ଜିଲା ମନ୍ତ୍ରୀଶୂନ୍ୟ ହୋଇପଡ଼ିବା ଜିଲାବାସୀଙ୍କୁ ହତୋତ୍ସାହିତ କରି ପକାଇଛି।

# ବଜରଙ୍ଗ ଦଳ ଜିଲାପାଳଙ୍କୁ ଫେରାଦ



ଜିଲାପାଳଙ୍କୁ ଫେରାଦ ହୋଇଥିବା ବଜରଙ୍ଗ ଦଳର ପ୍ରତିନିଧିବୃନ୍ଦ।

ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବଜରଙ୍ଗ ଦଳର ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାର ସମସ୍ତ ବିଦ୍ୟାଳୟରେ ଗାୟତ୍ରୀ ମନ୍ତ୍ରପାଠ ଏବଂ ପ୍ରତି ଶନିବାର, ମଙ୍ଗଳବାର ହନୁମାନ ଚାଳିଶା ପାଠ କରାଯିବା ଦିଗରେ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ବଜରଙ୍ଗ ଦଳର ଜିଲା ସଂଯୋଜକ ସଞ୍ଜିବ କୁମାର ମେହେରଙ୍କ ନେତୃତ୍ୱରେ ପ୍ରତିନିଧିବୃନ୍ଦ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ନୈନିତାଲ ପରିଭ୍ରମଣ

ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଗ୍ରୀଷ୍ମ ଅବକାଶରେ ଉତ୍ତରାଖଣ୍ଡ ନୈନିତାଲକୁ ଶୈକ୍ଷିକ ପରିଭ୍ରମଣରେ ଯାଇଥିଲେ। ଗତମାସ ୩୧ ତାରିଖରୁ ସ୍କୁଲରୁ ବାହାରି ସେମାନେ ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ ଏବଂ ପରିଭ୍ରମଣ ସାରି ଗତ ୧୦ ତାରିଖ ପୁଣି ସେମାନେ ସ୍କୁଲକୁ ଫେରିଛନ୍ତି। ଉକ୍ତ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ବବିତା ସାୱଡ଼ିଆ, ଶିକ୍ଷୟିତ୍ରୀ ଶିକ୍ଷକ ମାମିନା କ୍ଷେତି, ମିନାକ୍ଷୀ ଭୋଇ, ଜି. କଲ୍ୟାଣ, ବିର୍ଜୁ ପ୍ରସାଦ, ଆକାଶ କୁମ୍ଭାର ଏବଂ ସ୍କୁଲର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪୮ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ସେମାନେ ଏହି ପରିଭ୍ରମଣରେ ନୈନିତାଲର ନୈନିହ୍ରଦରେ ନୌକାବିହାର କରିଥିବାବେଳେ ଭବାଲି ଗ୍ରାମର ୱଲଟନ କ୍ୟାମ୍ପକୁ ଏଡ଼ଭେଞ୍ଚର ଏକ୍ଟିଭିଟି ପାଇଁ ଯାଇଥିଲେ। ସେହିପରି କୈଁଚି ଧାମ, ହନୁମାନ ଧାମ ଆଦି ସ୍ଥାନ ପରିଦର୍ଶନ କରିଥିବାବେଳେ ଉତ୍ତରାଖଣ୍ଡର ଲୋକନୃତ୍ୟ କୁମାଉନିକୁ ପରିବେଷଣ କରିଥିଲେ। ଏହା ସହିତ ଜିମ୍ କରବେଟ୍ ଜାତୀୟ ଉଦ୍ୟାନ ବୁଲି ଦେଖିଥିଲେ।





ନୈନିତାଲ ପରିଭ୍ରମଣ କରିଥିବା ଛାତ୍ରୀଛାତ୍ର, ସ୍କୁଲ କର୍ତ୍ତୃପକ୍ଷ।

# ସଂଗ୍ରାମୀଙ୍କ ତ୍ୟାଗ ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯାଉ

ବରଗଡ଼,୧୨।୬(ପ୍ରେମାନନ୍ଦ ଖମାରୀ)

### ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବରଗଡ଼ର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ସରାଫଙ୍କ ତ୍ୟାଗ, ନିଷ୍ଠା ସମ୍ପର୍କରେ ପିଲାଙ୍କ ପାଠ୍ୟ ପୁସ୍ତକରେ ସ୍ଥାନିତ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସେବା ସଂଘ ପକ୍ଷରୁ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ ସରାଫଙ୍କ ତ୍ୟାଗ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମ ସହିତ ସେ ତାଙ୍କ ଜୀବନକାଳରେ ନିଶା ନିବାରଣ, ନାରୀ ସ୍ୱାଧୀନତା, ଶିକ୍ଷାର ଅଗ୍ରଗତି ପାଇଁ କାମ କରି ଆସିଥିଲେ। ଏହାସତ୍ତ୍ୱେ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସେ ଅନାଲୋଚିତ ହୋଇ ରହି ଯାଇଛନ୍ତି। ଅନ୍ୟପଟେ ସ୍ୱର୍ଗତ ସରାଫ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କଠାରୁ ପ୍ରଶସ୍ତି ପତ୍ର ଏବଂ ତାମ୍ର ଫଳକ ପାଇଥିଲେ। ସେହିପରି ବରଗଡ଼ ଭିଏସଏସ ନଗରରେ ତାଙ୍କ ନାମରେ ଗତ ୨୦୦୬ରୁ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫ ସେବା ସଂଘ ନାମରେ ଏକ ଅନୁଷ୍ଠାନ ସ୍ଥାପିତ ହୋଇଥିବାବେଳେ ବରଗଡ଼ ସହର ମୁଖ୍ୟରାସ୍ତାରେ ତାଙ୍କ ପ୍ରତିମୂର୍ତ୍ତି ରହିଛି। ଏହି ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପିଲାଙ୍କ ପାଠ୍ୟ ପୁସ୍ତକରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସରାଫଙ୍କ ନିଃସ୍ୱାର୍ଥପର ଜୀବନାଦର୍ଶ ସମ୍ପର୍କରେ ସ୍ଥାନିତ କରିବାକୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ବିମଳ ଦାଶ, ଦିବାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସେବା ସଂଘର ପ୍ରତିନିଧିବୃନ୍ଦ।





ସୁନ୍ଦରଗଡ଼ ସହରରେ ଶୀତଳଷଷ୍ଠୀ ଉଦ୍‌ଯାପନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଦେବଦମ୍ପତିଙ୍କ ନଗର ପରିକ୍ରମା।

# ଦେବ ଦମ୍ପତିଙ୍କ ନଗର ପରିକ୍ରମା

ସୁନ୍ଦରଗଡ଼,୧୨।୬(ଜୟନାରାୟଣ ମେଣ୍ଡୁଲି)

ଦେବାଧିଦେବ ମହାଦେବ ଓ ଜଗଜ୍ଜନନୀ ମା' ପାର୍ବତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଧୁମଧାମରେ ସୁନ୍ଦରଗଡସ୍ଥିତ ମହାନ୍ତିପଡ଼ାଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ୧୦ରୁ ଆରମ୍ଭ ହୋଇ ୧୧ ତାରିଖରେ ଶିବ ପାର୍ବତୀ ବିବାହ ସମ୍ପନ୍ନ ହେଲା ପରେ ବୁଧବାରରେ ନଗର ପରିକ୍ରମା ସହିତ ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରୁ ଆସି ଥିବା କୀର୍ତ୍ତନ ମଣ୍ଡଳୀ, ବରଗଡ ବରପାଲି ମହଦାର ଲୋକବାଦ୍ୟଦୁଲଦୁଲି, ମଧ୍ୟ ପ୍ରଦେଶ ଉଜ୍ଜୟିନୀର ଡ଼ମ୍ବରୁବାଦ୍ୟ, କୋଲକାତାର ରେକର୍ଡ ଡ୍ୟାନ୍ସ, ପାତକିଯୋର ଓ କୁନ୍ତାମାଲର ସମ୍ବଦା, ରାଉରକେଲାର ଅଘୋରି, ହେମଗିରର ଝୋଲୋ




ନାଚ, ଢେଙ୍କାନାଳର ଘଣ୍ଟ ବାଦ୍ୟ ଓ ରାଉରକେଲାର କାନ୍ତାରା ପ୍ରଦର୍ଶିତ ହୋଇଥିଲା। ଦେବ ଦମ୍ପତିଙ୍କ ଏହି ନଗର ପରିକ୍ରମା ଶୋଭାଯାତ୍ରା ମହାନ୍ତିପଡ଼ାରୁ ମଙ୍ଗଳବାର ରାତିରେ ବାହାରି ରିଜେଣ୍ଟ ମାର୍କେଟ, ସୁନାରିପଡ଼ା, ରଙ୍ଗାଢ଼ିପା, ଥାନା ପଡ଼ା, ହସ୍ପିଟାଲ ଛକ, କାଳୀ ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଲା ପରେ ସେଠାରେ ରାତ୍ରୀଯାପନ ପରେ' ବୁଧବାର ସକାଳେ ଏହି ଶୋଭାଯାତ୍ରା କାଳୀ ମଣ୍ଡପରୁ ଆରମ୍ଭ ହୋଇ ପୁରୁଣା ବସ ଷ୍ଟାଣ୍ଡ, ପଞ୍ଚମୁଖୀ ହନୁମାନ ଛକ, ଶିରିଡ଼ି ସାଇ ମନ୍ଦିର ଛକ, ଜଗନ୍ନାଥ ମନ୍ଦିର ଛକ, ମେନ ରୋଡ଼, କୋଓପଟାଟିଭ ବ୍ୟାଙ୍କ ଛକ ଦେଇ ମହାନ୍ତିପଡ଼ାରେ ପହଞ୍ଚିଥିଲା। ଏହା ପରେ ଦେବ ଦମ୍ପତିଙ୍କୁ ବନ୍ଦାପନା କରି ସ୍ୱମନ୍ଦିରରେ ପ୍ରବେଶ କରାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ମହାନ୍ତିପଡା ନିବାସୀ ତପନ ତ୍ରିପାଠୀ ଓ ସ୍ନେହଲତା ତ୍ରିପାଠୀ ଦମ୍ପତ୍ତି ଜଗଜ୍ଜନନୀ ମା ପାର୍ବତୀଙ୍କୁ କନ୍ୟାରୂପେ ଗ୍ରହଣ କରିଥିଲେ ଓ ବାବା ସିଦ୍ଧେଶ୍ୱରଙ୍କ ମାତାପିତା ଭାବେ ଚନ୍ଦ୍ରମଣି ମିଶ୍ର ଓ ସଙ୍ଗୀତା ମିଶ୍ର ଅନୁଷ୍ଠାନ ନିର୍ବାହ କରିଥିଲେ।

**ସୁନ୍ଦରଗଡ଼ରେ ସରିଲା ଶୀତଳଷଷ୍ଠୀ ଯାତ୍ରା**



ସୁନ୍ଦରଗଡ଼ରେ ଶୀତଳ ଷଷ୍ଠୀ ଅବସରରେ ଶ୍ରଦ୍ଧାଳୁ।

## ଦନ୍ତା ଭାଙ୍ଗିଲା ଘର, ଲୋକେ ଆତଙ୍କିତ



କୁତ୍ରା, ୧୨।୬(ଦେବାଶିଷ ସାହୁ)-କୁତ୍ରା ବ୍ଲକ ଅନ୍ତର୍ଗତ ବଡଗାଁ ବନାଞ୍ଚଳରେ କିଛି ଦିନର ନିରବତା ପରେ ପୁଣି ଦନ୍ତା ହାତୀର ଉତ୍ପାତ ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ରାଏଡିହି ଟୁଙ୍ଗରିପଡାର ମହେନ୍ଦ୍ର ମାଝୀଙ୍କ ବାଡିରେ ଥିବା ଘର ଉପରକୁ ଦନ୍ତା ଆକ୍ରମଣ କରି ଦଳିମକଚି ନଷ୍ଟ କରିଦେଇଛି। ତେବେ ଭାଗ୍ୟ ବଶତ ରାତିରେ ସେଇ ଘରେ କେହି ନ ଥିଲେ। ଘର ଭାଙ୍ଗିବା ପରେ ଉକ୍ତ ଦନ୍ତା ବର୍ତ୍ତମାନ ନିକଟସ୍ଥ ପଞ୍ଚରା ଜଙ୍ଗଲରେ ଥିବା ଜଣାପଡିଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନବିଭାଗ ଦନ୍ତାର ଗତିବିଧି ଉପରେ ନଜର ରଖିଥିବା ଜଣାପଡିଛି । ବନାଞ୍ଚଳର ଉକ୍ତ ଘରଭଙ୍ଗା କ୍ଷୟକ୍ଷତି ଆକଳନ କରି ମହେନ୍ଦ୍ରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି ।

## ଲେଫ୍ରିପଡ଼ା ଲ୍ୟାମ୍ପସ୍‌ରେ ଚିନାବାଦାମ ମଣ୍ଡି ଉଦ୍‌ଘାଟିତ

ଲେଫ୍ରିପଡା,୧୨।୪(ଦେଶରଞ୍ଜନ ପଟେଲ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଲ୍ୟାମ୍ପସର ଗୋଦାମ ଗୃହଠାରେ ଚିନାବାଦାମ ମଣ୍ଡି ବୁଧବାର ଉଦଘାଟିତ ହୋଇଛି। ଏଥିରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲଙ୍କ ଆହ୍ୱାନ କ୍ରମେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଡିଆରସିଏସ୍ ଉମାଶଙ୍କର ଦାଶ, ଯୋଗଦାନ କରି ଶାନ୍ତିଶୃଙ୍ଖଳା ସହକାରେ ଚାଷୀଙ୍କ ଉପାର୍ଜିତ ଚିନାବାଦାମକୁ ବିକ୍ରି କରି ଲାଭାନ୍ୱିତ ହେବା ପାଇଁ ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ, ଏଆର୍‌ସିଏସ୍ ମୋହନ ଚନ୍ଦ୍ର ପ୍ରଧାନ, ମାର୍କଫେଡ଼ର କ୍ଷେତ୍ରକର୍ମଚାରୀ ଶତ୍ରୁଘନ ଦାଶ, କୃଷି ବିଭାଗ ପକ୍ଷରୁ ଦେବାର୍ଚ୍ଚନ ପଟେଲ, ଭୁବନୀ ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। ଅଞ୍ଚଳର ଚାଷୀଙ୍କ ପକ୍ଷରୁ ୩୮୦ଜଣ ଚାଷୀଙ୍କ ରେଜିଷ୍ଟ୍ରେସନ ହୋଇଥିବା ସୂଚନା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ କୌଣସି ଚାଷୀ ଯଦି ରେଜିଷ୍ଟ୍ରେସନ କରିବାରୁ ବଞ୍ଚିତ



ରହିଛନ୍ତି ତା' ହେଲେ ଲ୍ୟାମ୍ପସ ଏବଂ କୃଷି ବିଭାଗରେ ଯୋଗାଯୋଗ କରି ରେଜିଷ୍ଟ୍ରେସନ କରିବା ପାଇଁ ମଧ ଉପସ୍ଥିତ ଅଧିକାରୀଗଣ ସୂଚନା ପ୍ରଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଲ୍ୟାମ୍ପସ ପରିଚାଳନା ପରିଷଦର ସଭ୍ୟ ବଚନ ପ୍ରଧାନ, କୈଳାସ ଚନ୍ଦ୍ର କାଲୋ, କେଦାର ସିଂ, ଦେଶରଞ୍ଜନ ପଟେଲ, ଅଞ୍ଚଳର ବରିଷ୍ଠ ଚାଷୀ ଜୟମଙ୍ଗଲ ପଟେଲ, ପ୍ୟାରୀ ମୋହନ ପଟେଲ, ରଜତ କୁମାର ଟପୋ, ସୁରେଶଚନ୍ଦ୍ର ପଟେଲ, ମୋତିଲାଲ ପୃଷେଠ, ନୀଳମଣୀ ମଗର, ରାଜେଶ ସୋରେଙ୍ଗ, ଦେବାନନ୍ଦ ନାଏକ, ଘନଶ୍ୟାମ ପଶାଏତ ପ୍ରମୁଖ ଅଞ୍ଚଳର ଚାଷୀ ଉପସ୍ଥିତ ରହିଥିଲେ।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ଲହୁଣୀପଡା, ୧୨।୬(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଯୋଡ଼ାବନ୍ଧ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ସାଇକେଲ ଆରୋହି ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରାଉରକେଲା ଅନ୍ତର୍ଗତ ରଘୁନାଥପାଲି ଥାନା ଅଧିନସ୍ଥ କଂସର ଗ୍ରାମର ରାଜେଶ ମୁଣ୍ଡା (୩୭) କିଛିଦିନ ହେଲା ତାଙ୍କ ଶ୍ୱଶୁର ଘର ବାଙ୍କୀରେ ରହୁଥିଲେ। କୌଣସି କାମରେ ସାଇକେଲ ଯୋଗେ ଯୋଡ଼ାବନ୍ଧକୁ ଆସିଥିଲେ। ରାତି ପ୍ରାୟ ସାଢେ ୧୦ଟାବେଳେ ଯୋଡ଼ାବନ୍ଧରୁ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ରାଜେଶ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ରାଜେଶ ମୁଣ୍ଡାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବୁଧବାର ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଶ୍ରମିକ ସମବାୟ ସମିତି ପକ୍ଷରୁ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁତ୍ରା, ୧୨।୬(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି କୁତ୍ରା ବିଡିଓ ଯୁଗଳକିଶୋର ବିଶ୍ୱାଳ ଯୋଗ ଦେଇ ଏହି ସମବାୟ ସମିତି ପକ୍ଷରୁ ମିଳୁଥିବା ସମସ୍ତ ସୁବିଧାସୁଯୋଗର ଫାଇଦା ଉଠାଇବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଜେନେରାଲ ସେକ୍ରେଟାରି ସୁରଜ ମେହେର, ନେସନାଲ ସିଇଓ ବସନ୍ତ କୁମାର ରାଉତ ଯୋଗଦେଇ ଏହି ସମବାୟ ସମିତିର ଲକ୍ଷ୍ୟ, ଲୋକଙ୍କୁ ଦିଆଯାଉଥିବା ସୁବିଧା ବିଷୟରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ମେମ୍ବର ତଥା ଗ୍ରାହକମାନଙ୍କୁ ୧୫ ରୁ ୫୦ ପ୍ରତିଶତ ରିହାତିରେ ସମସ୍ତ ରାଶନ ସାମଗ୍ରୀ ମିଳିବ ବୋଲି ଅତିଥିମାନେ ସୂଚନା ପ୍ରଦାନ କରିଛନ୍ତି। ଏହା ସହିତ ଏହି ସମବାୟ ସମିତି ସହିତ ଜଡିତ ହୋଇଥିବା ମେମ୍ବରଙ୍କ କୌଣସି ଦୁର୍ଘଟଣା ଘଟିଲେ ତାଙ୍କୁ ପାଞ୍ଚ ହଜାରରୁ ଏକ ଲକ୍ଷ ପର୍ଯ୍ୟନ୍ତ ସହାୟତା ମିଳିବ। ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ପରିବାର ବର୍ଗଙ୍କୁ ୨୦ ହଜାର ଟଙ୍କା ସହାୟତା ଓ ତାଙ୍କ ୧୦ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ସାମଗ୍ରୀ ପ୍ରଦାନ କରାଯିବ। ଦୁର୍ଘଟଣାରେ ପଙ୍ଗୁ ହୋଇଗଲେ ମଧ ୧୦ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହା ସହିତ ଭିନ୍ନକ୍ଷମମାନଙ୍କୁ ପ୍ରତି ମାସରେ ମାଗଣା ରାସନ ପ୍ରଦାନ କରାଯିବ। ଏଗକୁ ରାସନ ସାମଗ୍ରୀ ସହିତ ଦୈନିକ ବ୍ୟବହାର୍ଯ୍ୟ ସମସ୍ତ ପ୍ରକାର ସାମଗ୍ରୀ ମିଳିବ ବୋଲି କହିଥିଲେ। ରାଜ୍ୟର ଗରିବ, ମଧ୍ୟବିତ୍ତ ତଥା ଶ୍ରମିକ ଶ୍ରେଣୀରେ ଲୋକଙ୍କ ମେରୁଦଣ୍ଡ ମଜବୁତ କରିବା ପାଇଁ ଓଡିଶା ରାଜ୍ୟ ଶ୍ରମିକ ସମବାୟ କାର୍ଯ୍ୟ କରୁଛି। ଏହି ବୈଠକରେ ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ପିଇଓ ଓ ଏଫିଓ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ବ୍ଲକ ବିଏମ ରମେଶ ଷଡ଼ଙ୍ଗିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏବିଏମ ମିଶ୍ର ଗନ୍ଧା, ଦେବାଶିଷ ସାହୁ,ରାହୁଲ ଷଡ଼ଙ୍ଗି ସହଯୋଗ କରିଥିଲେ।

## ଡିଜିଟାଲ ଭାରତ ରୋଜଗାର କାର୍ଯ୍ୟାଳୟର ସଦସ୍ୟତାପତ୍ର ପ୍ରଦାନ

କୁତ୍ରା, ୧୨।୬(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ସମର୍ପଣ ପକ୍ଷରୁ ଜାତୀୟ ସରକାର ଡିଜିଟାଲ ଭାରତ ରୋଜଗାର କାର୍ଯ୍ୟାଳୟ ପକ୍ଷରୁ ପଞ୍ଜିକୃତ ରୋଜଗାର ଆଶାୟୀମାନଙ୍କୁ ସଦସ୍ୟତା ପତ୍ର ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ଯୋଗ ଦେଇ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏହି ଡିଜିଟାଲ ରୋଜଗାର କାର୍ଯ୍ୟାଳୟରେ ପଞ୍ଜିକୃତ କରି ବେରୋଜଗାର ଯୁବକ ଯୁବତୀ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ ଆବଶ୍ୟକ ଥିବା ଚାକିରୀ ନେଇ ନିଜ ମୋବାଇଲ ଯୋଗେ ସୂଚନା ପାଇପାରିବାର ବ୍ୟବସ୍ଥା ରହିଥିବାରୁ ଉପକୃତ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଆଇଟିଆଇର ଉପାଧ୍ୟକ୍ଷ ରଂଜିତ କୁମାର ମହାରଣା, ଅଧ୍ୟାପକ ସନ୍ତୋଷ କୁମାର ସାହୁ, ସରପଞ୍ଚ ଭୂବନ କୁଜୁର, ଗାଙ୍ଗପୁର ସୋସିଆଲ ୱାର୍କ କଲେଜ ଅଧକ୍ଷ ଜୁଆକିମ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡିଜିଟାଲ ଭାରତ ରୋଜଗାର କାର୍ଯ୍ୟାଳୟରେ ପଞ୍ଜିକୃତମାନଙ୍କୁ ସଦସ୍ୟତାପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂସ୍ଥାର ରାଜ୍ୟ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା, ରାଜ୍ୟ ଯୋଜନା ମୁଖ୍ୟ ସମୀର ପଟ୍ଟନାୟକ, ଜିଲା ସଂଯୋଜକ ତପନ କୁମାର ସାହୁ, କୁତ୍ରା ବ୍ଲକ ମୁଖ୍ୟ କୃଷ୍ଣ କୁମାର ଲାକଡା ଏବଂ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହେମଗିରରେ ଭାଜପା ପକ୍ଷରୁ ନଗର ପରିକ୍ରମା

ହେମଗିର,୧୨।୬ (ଚୈତନ୍ୟ ପଟେଲ)

ଓଡ଼ିଶାର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦାୟିତ୍ୱ ଗ୍ରହଣ କରିବା ପରେ ସୁନ୍ଦରଗଡ଼ ଜିଲା ହେମଗିରଠାରେ ବୁଧବାର ଭାଜପା ପକ୍ଷରୁ ଡିଜେ,ବାଜା ଓ ଆତସବାଜି ମାଧ୍ୟମରେ କର୍ମୀମାନେ ନଗର ପରିକ୍ରମା କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ହେମଗିର, ଆରଆର କଲୋନି ୧, ଆରଆର କଲୋନି ୨ ପରିକ୍ରମା କରିଥିଲେ। ଏହି ଅବସରରେ ସୁଶାନ୍ତ ରଞ୍ଜନ ପଟ୍ଟନାୟକ, ମହେଶ ଶତପଥୀ, ସନୋଷ ସିଂ, ପଲଟନ କୁଅଁରଙ୍କ ସମେତ ଶହ ଶହ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

## ନବ ବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

ବଣାଇଁ, ୧୨।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଅଞ୍ଚଳରେ ମଙ୍ଗଳବାର ରାତିରେ ଘଟିଛି ଏକ ଅଭାବନୀୟ ଘଟଣା । ମାତ୍ର ଚାରି ମାସ ତଳେ ବିବାହ କରିଥିବା ନବ ବିବାହିତା ମହିଳାଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିବା କାରଣରୁ ମୃତା ମହିଳାଙ୍କ ପିତ୍ରାଳୟ ପକ୍ଷରୁ କେବଳ ହତ୍ୟା ଅଭିଯୋଗ ହୋଇଛି ତା ନୁହେଁ ଏହାକୁ ନେଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭିଆଇଛନ୍ତି ତୁମୁଳ କାଣ୍ଡ। ଅପରପକ୍ଷରେ ପୋଲିସ ମୃତା ମହିଳାଙ୍କ ପିତାଙ୍କ ଏତଲାକୁ ଭିତ୍ତି କରି ଯୌତୁକ ନିର୍ଯାତନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନୁରୂପ ଭାବେ ମୃତା ମହିଳାଙ୍କ ପିତୃପକ୍ଷ ଶଶୁର ପକ୍ଷର ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣା ନେଇ ମଧ୍ୟ ଏକ ପୃଥକ



ବଣାଇଁ ଡାକ୍ତରଖାନା ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ।

ମାମଲା ରୁଜୁ କରି ଆକ୍ରମଣର ଶିକାର ଦୁଇ ଜଣଙ୍କୁ ପୋଲିସ ହେପାଜତରେ ବା କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚିକିତ୍ସିତ କରାଯାଉଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପଦ-ଜାମପାଳି ଗ୍ରାମର ମହେନ୍ଦ୍ର ଶେଖର ଦେଓଙ୍କ ଝିଅ ଦିଷ୍ଟି ଶେଖର ଦେଓ ଓରଫ ମାନିଙ୍କର ବଣାଇଁ ସହର ସଂଲଗ୍ନ ସିଂଟୋଲା ବସ୍ତିର ନରେନ ସିଂଙ୍କ ପୁତ୍ର ଅମିତ ସିଂଙ୍କ ସହିତ ଗତ ଫେବୃଆରୀ ୧୪ ତାରିଖ ବୈଦିକ ରୀତିରେ ବିବାହ ସମ୍ପର୍ଣ୍ଣ ହୋଇଥିଲା । ବିବାହର ଚାରିମାସ ନ ବିତୁଣୁ ହଠାତ ନବବିବାହିତା ବୋହୂ ମାନି ମୃତ୍ୟୁବରଣ କରିବା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ୱଶୁର ଘର ପକ୍ଷରୁ କୌଣସି କାରଣରୁ ବିଷ ପାନ କରି ଆତ୍ମହତ୍ୟା କରିଥିବା କହୁଥିବା ବେଳେ ମୃତ ଦେହରେ ଥିବା କଳା ଦାଗ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଭିନ୍ନ ଏକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ରାତି ଏଭଳି ଖବର ପାଇ ପିତ୍ରାଳୟ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ଲୋକ ବଣାଇଁ ଆସି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ମୃତଦେହକୁ ଦେଖିବା ପରେ ଉତ୍ତ୍ୟକ୍ତ ହୋଇ ମୃତା ମାନିଙ୍କ ଶ୍ୱଶୁର ନରେନ ସିଂ ଓ ତାଙ୍କ ପୁଅ (ଜ୍ୱାଇଁ) ଅମିତ ସିଂଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଏବେ ଚିକିତ୍ସାଧୀନ ଅଛନ୍ତି । ମହିଳାଙ୍କ ମୃତଦେହ ବ୍ୟବଛେଦ ହୋଇଯାଇଛି। ପରେ ପୋଲିସ ଝିଅ ବାପ ଘରକୁ ଶବ ହସ୍ତାନ୍ତର କରିଛି। ମୃତା ମାନିଙ୍କ ପିତା ମହେନ୍ଦ୍ର ଶେଖର ଦେଓ ଙ୍କ ଏତଲାକୁ ଭିତ୍ତି କରି ବଣାଇଁ ଥାନାରେ ଏକ କେସ (ନଂ.୧୧୦/୨୦୨୪) ରୁଜୁ ହୋଇଛି। ଆକ୍ରମଣ ର ଶିକାର ଗୁରୁତର ନରେନ ସିଂ ଓ ପୁଅ ଅମିତ ସିଂକୁ ପୋଲିସ ସୁରକ୍ଷା ମଧ୍ୟରେ ଚିକିତ୍ସିତ କରାଯାଉଛି। ଉପଖଣ୍ଡ ଚିକିତ୍ସାଳୟରେ ଭଙ୍ଗାରୁଜା ଓ ଆକ୍ରମଣ ଘଟଣା ଉପରେ ମଧ୍ୟ ବଣାଇଁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

- ବାପ ଘର ଲୋକ ଆଣିଲେ ହତ୍ୟା ଅଭିଯୋଗ
- ଶଶୁର ଓ ଜ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରାଜମିସ୍ତ୍ରି ଗୁରୁତର

ବଡ଼ଗାଁ, ୧୨।୬(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଭାଟିପଡାର ଜଣେ ବ୍ୟକ୍ତିଙ୍କ ଘରେ ମଙ୍ଗଳବାର ପୂର୍ବାହ୍ନରେ ନିର୍ମାଣ କାମ କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିରତୋଲା ଗ୍ରାମର ରାଜେନ୍ଦ୍ର ମାଝୀ ସିଡିରେ ଚଢି ଘର ନିର୍ମାଣ କରୁଥିବାବେଳେ ତାଙ୍କ ଆଲୁମିନିୟମ ଉପକରଣ ଘର ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମିସ୍ତ୍ରୀଙ୍କ ଦେହ ଜଳି ଯାଇଥିଲା। ତାଙ୍କୁ ରାଉରକେଲା ସ୍ଥିତ ଏକ ମେଡିକାଲକୁ ନିଆଯାଇଛି। ସେ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା କରାଯାଉଛି।

